بسم الله الرحمن الرحيم

୧୨ ଜୁଲାଇ ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍ ଇସଲାମାବାଦ, ଟିଲଫୋର୍ଡ଼

ଜର୍ମାନୀର ବାର୍ଷିକ ଧର୍ମ ସମ୍ମିଳନୀର ପବିତ୍ର ଅବସରରେ ଅଲ୍ଲାତାଲାଙ୍କର ଅସିମୀତ କୃପାର ବିଶ୍ୱାସ ବର୍ଦ୍ଧକ ତଥା ଅତିଥିମାନଙ୍କ ହୃଦୟଦ୍ରାବି ଓ ବିଶ୍ୱାସ ବର୍ଦ୍ଧକ ପ୍ରତିକ୍ରିୟାର ସଂକ୍ଷିପ୍ତ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ– ଗତ ଦିନରେ ଅଲ୍ଲାଃତାଲାଙ୍କ ଅଶେଷ କୃପା ବଶତଃ ଜର୍ମାନୀର ବାର୍ଷିକ ଧର୍ମ ସମ୍ମିଳନୀ ସମାପିତ ହେଲା । ଚଳିତ ବର୍ଷ ଜର୍ମାନୀ ଜଲସାରେ ମୋଟ ଉପସ୍ଥିତି ୪୦,୦୦୦ରୁ ଉର୍ଦ୍ଧ୍ୱ ଥିଲା । ଏହା କେବଳ ଅଲ୍ଲାଃଙ୍କ କୃପା ଯେ ଆମ କାର୍ଯ୍ୟ ଓ ପ୍ରୟାସ ଠାରୁ ବଢ଼ି ସେ ଆମକୁ ଫଳ ପ୍ରଦାନ କରିଥାନ୍ତି । ଅତଃ ଆମକୁ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବାରେ ଆଗକୁ ବଢ଼ି ନିଜ ପ୍ରଚେଷ୍ଟା ଓ ପ୍ରୟାସକୁ ଅଧିକ ପରିମାର୍ଜିତ କରିବାକୁ ଚେଷ୍ଟା କରିବା ଉଚିତ । ଯଦ୍ୱାରା ଆମମାନଙ୍କ ପାଇଁ ଅଲ୍ଲାଃଙ୍କର ଏହି କୃପା ଓ ବିଶେଷ ଦୟା ବଢ଼ି ଚାଲିଥିବ । ଜଲସାରେ ଉପସ୍ଥିତ ହୋଇଥିବା ସହସ୍ର ଅଣଅହମଦି ଓ ଅଣମୁସଲମାନ ଅତିଥିଗଣ ଏହି ମତ ପ୍ରକାଶ କଲେ ଯେ ଆମେ ଏକ ଅଦଭୂତପୂର୍ଣ୍ଣ ପରିବେଶ ଓ ମହିମା ପରିଲକ୍ଷିତ କଲୁ । ଅତଃ ଆମ ଜଲସା ଆମର ପ୍ରଶିକ୍ଷଣ କରିବା ବ୍ୟତୀତ ଆମ ପ୍ରଚାର କାର୍ଯ୍ୟର ମଧ୍ୟ ବହୁତ ବଡ଼ ମାଧ୍ୟମ ଅଟେ । ଏହା ଆମମାନଙ୍କ ଠାରୁ ଆବଶ୍ୟକ କରିଥାଏ କି ଆମେ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବାରେ ଆଗକୁ ବଢ଼ିଚାଲିବା ଏବଂ ଆମର ଏହି ପରିବେଶ କ୍ଷଣସ୍ଥାୟୀ ହେବା ଉଚିତ ନୁହେଁ । ବରଂ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଇସଲାମର ଅନୁପମ ଶିକ୍ଷାକୁ ଆମ କାର୍ଯ୍ୟକଳାପ ପ୍ରତିପାଦିତ କରିବା ଉଚିତ ଏବଂ ଆମେ ହଜରତ ମସିହ ମଉଦ ଅ.ସଙ୍କ ବୈଅତରେ ଦାଖଲ ହେବାର ଉଦ୍ଦେଶ୍ୟକୁ ପ୍ରତି ମୁହୂର୍ତ୍ତରେ ପୂରଣକାରୀ ସାବ୍ୟସ୍ତ ହେଉ ।

ହଜୁର ଅନଓ୍ୱର ଅ.ବ ଜଲସାର କାର୍ଯ୍ୟରେ ମୁତୟନ ସେବକ ସେବିକାମାନଙ୍କର କୃତଜ୍ଞତା ଜ୍ଞପାନ କରି କହିଲେ: ବିଶ୍ୱର ସମସ୍ତ ବଡ଼ ଓ ସଙ୍ଗଠିତ ଜମାଅତରେ ଏହା ଦେଖିବାକୁ ମିଳିଥାଏ ଯେ କର୍ମୀ ଜଲସାର କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ନିଜ ବ୍ୟକ୍ତିଗତ କାମଧନ୍ଦା ପଛରେ ପକାଇ କେବଳ ଓ କେବଳ ଜଲସାର ପ୍ରବନ୍ଧ ଓ ହଜରତ ମସିହ ମଉଦ ଅ.ସଙ୍କ ଅତିଥିମାନଙ୍କ ସେବା କରିବା ପାଇଁ ନିଜର ସମସ୍ତ ସମୟ ଉତ୍ସର୍ଗ କରିଦେଇଥାନ୍ତି । ଅଲ୍ଲାଃଙ୍କ କୃପାରୁ ଜର୍ମାନୀ ଜମାଅତର ନିଷ୍ଠା ଓ ବିଶ୍ୱସ୍ତତା ବେଶ୍ ଆଗରେ ରହିଛି । ବରଂ ସେମାନଙ୍କ ମଧ୍ୟରୁ ତ କେତେକ ବଳିଦାନ କରିବାରେ କେତେ ଗୋଟି ଜମାଅତ ଠାରୁ ବେଶ୍ ଆଗରେ ରହିଛନ୍ତି । ଅଲ୍ଲାଃତାଲା ସେମାନଙ୍କ ନିଷ୍ଠା ଓ ବିଶ୍ୱସ୍ତତାକୁ ଏହିପରି ବଢ଼ାଇ ଚାଲିଥାନ୍ତୁ । ଏଥର ଜଲସାରେ ଅତିଥିମାନଙ୍କ ସଂଖ୍ୟା ବଢ଼ିଯିବା ଫଳରେ ଅମିର ସାହେବ ଓ ପରିଚାଳନା ବିଭାଗର ଧ୍ୟାନ ଏଥିପ୍ରତି କେନ୍ଦ୍ରିଭୂତ ହେଲା କି ଆମର ନିଜସ୍ୱ ଏକ ପ୍ରସସ୍ତ ଜଲସା ସ୍ଥଳି ହେବା ଉଚିତ । ଅମିର ସାହେବ କହିଲେ ସେ ଏକ ଜମି ଦେଖିଛନ୍ତି, ଯାହାକୁ ସେ ଜମାଅତ ଅଧିନରେ ଆଣିବାକୁ ପ୍ରୟାସ କରୁଛନ୍ତି । ଅଲ୍ଲାଃଙ୍କ ଦୃଷ୍ଟିରେ ଯଦି ଉକ୍ତ ଜମି ଜମାଅତ ପକ୍ଷେ ଫଳପ୍ରଦ ସାବ୍ୟସ୍ତ ହେବ ତେବେ ଅଲ୍ଲାଃ ତାହା କ୍ରୟ କରିବାର ବ୍ୟବସ୍ଥା କରିଦିଅନ୍ତୁ । ହଜୁର ଅନଓ୍ୱର ଅ.ବ କହିଲେ– ଜର୍ମାନୀର ଜଲସା ମଧ୍ୟ ବର୍ତମାନ ଆନ୍ତର୍ଜାତିକ ଜଲସାର ରୂପ ନେଇସାରିଛି । ଏହି ଦୃଷ୍ଟିରୁ ମଧ୍ୟ ଜଲସା ସ୍ଥଳି ଓ ତାହାର ଆୟୋଜନ ବ୍ୟାପକ ହେବାର ଆବଶ୍ୟକତା ଲୋଡ଼ୁଅଛି ।

ହଜୁର ଅନଓ୍ୱର ଅ.ବ ଅତିଥିମାନଙ୍କ ପ୍ରତିକ୍ରିୟା ବର୍ଣ୍ଣନା କରି କହିଲେ– ଜଣେ ସାହେବ ମିଷ୍ଟର ହିଞ୍ଜୁଲିଓର ହିଞ୍ଜ ଓ ଜୋଫରନ୍ କଫରଟର ଜଣେ ବରିଷ୍ଠ ଅଂଶିଦାର ନିଜ ମତ ପ୍ରକାଶ କରି ଲେଖିଛନ୍ତି, ତାହା ଏକ ଶାନ୍ତି ପୂର୍ଣ୍ଣ ପରିବେଶ ଥିଲା ଏବଂ ଇମାମ ଜମାଅତଙ୍କର ଭବିଷ୍ୟତରେ ମାଡ଼ି ଆସୁଥିବା ଉତ୍କଟ ପରିସ୍ଥିତି ଓ ଭୟଙ୍କର ଯୁଦ୍ଧର ପୂର୍ବାନୁମାନ କରି ସଚେତନ କରିବା, ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ସେ କେବଳ ତାହାକୁ ଅନୁଭବ କରି ନାହାନ୍ତି ବରଂ ସଂସାରବାସୀଙ୍କୁ ସଚେତନ ମଧ୍ୟ କରୁଛନ୍ତି ।

ମୋ ମତରେ ପବଲିକ୍ ସାହେବ ଯେ ଲଫଥା ନଜା ଏୟାରଲାଇନ୍‌ର I.T Departmentରେ କାର୍ଯ୍ୟରତ ଅଛନ୍ତି, ସେ କହିଲେ ଯେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିବା ତ ଆଜିକାଲିର ଲିଡ଼ରମାନଙ୍କର Hot Cake ଅଟେ । କିନ୍ତୁ ଇମାମ ଜମାଅତ ଅହମଦିୟାଙ୍କ ଅଭିଭାଷଣରେ ଯେଉଁ ଶକ୍ତି ଅନ୍ତର୍ନିହିତ ଥିଲା ତାହା ମୁଁ ଅନ୍ୟ କୌଣସି ସ୍ଥାନରେ ଦେଖି ନାହିଁ । ଯଦି ବ୍ୟକ୍ତିଗତ କାମନା ପୂରଣରୁ ଉର୍ଦ୍ଧ୍ୱକୁ ଉଠି ପଦକ୍ଷେପ ଗ୍ରହଣ କରାନଯାଏ ତେବେ ପରମାଣୁ ବୋମାର ଭୟଙ୍କର ଯୁଦ୍ଧର ଆମେ ଉତରଦାୟୀ

ହେବା । ସେ କୁହନ୍ତି, ମୋ ମତରେ ଏପରି ସ୍ୱଷ୍ଟ ବାର୍ତ ପ୍ରଦାନ କରାଯାଇଛି ଯେ ଯଦି ଇର୍ଷାପରାୟଣ ଭାବନା ବାଦ୍ଧକ ନସାଜେ ତେବେ ମଣିଷର ଲୋମ ଟାଙ୍କୁରିବା ନିମନ୍ତେ ଏହି ସନ୍ଦେଶ ଯଥେଷ୍ଟ ଏବଂ ନିଷ୍ପତି ପ୍ରଣୟନକାରୀଙ୍କ ନିକଟରେ ଏହି ବାର୍ତା ପହଂଚାଇବା ଉଚିତ କାରଣ ମଣିଷର ବ୍ୟାପକ ଉନ୍ନତି ସାଧନ ନିମନ୍ତେ ଆନ୍ତର୍ଜାତିକ ସ୍ତରରେ ସଚେତନ କରେଇବା ମଧ୍ୟ ଜରୁରୀ ।

ହଜୁର ଅନଓ୍ୱର ଅ.ବ କହିଲେ ଜଲସାର ଆଉ କେତେକ ସାଧାରଣ ପ୍ରତିକ୍ରିୟା ସମ୍ୱନ୍ଧରେ ମଧ୍ୟ ନମୁନା ଉପସ୍ଥାପନ କରିଦେଉଛି- ମେସିଡ଼ୋନିୟାରୁ ଏକ ଦଳ ଆସିଥିଲା ସେମାନଙ୍କ ମଧ୍ୟରୁ ଜଣେ ମହିଳା ଶ୍ରୀମତି ଆଲେକଜାଣ୍ଡାରୋ ଓାଦୋ ସାହେବାଃ କହିଲେ ଅହମଦିୟତ୍‌ର ଲକ୍ଷ ଏହି କି ଯେ ଲୋକେ ଆଧାତ୍ମିକତାରେ ଉନ୍ନତି କରନ୍ତୁ, ସେମାନଙ୍କ ମଧରେ ଏକତା ପ୍ରତିଷ୍ଠା ହେଉ ଏବଂ ସେମାନେ ଅଲ୍ଲାଃଙ୍କ ନିକଟବର୍ତୀ ହୁଅନ୍ତୁ । ଚଳିତ ବର୍ଷ ଜଲସାରେ ମୁଁ ଅନେକ ପୁଣ୍ୟବନ୍ତ ଲୋକମାନଙ୍କ ସହ ସାକ୍ଷାତ କଲି ଯେ ହସହସ ମୁଖର ସହ ଆମକୁ ବହୁତ ସମ୍ମାନ ପ୍ରଦାନ କରିଥିଲେ । ମୁଁ କୃତଜ୍ଞତା ଜ୍ଞାପନ କରିବା ସହ ଏହି ଆବେଗର ସହ ସାକ୍ଷ୍ୟ ଦେଉଅଛି ଯେ ମୁଁ ଏଭଳି ଲୋକମାନଙ୍କୁ ସ୍ୱଚକ୍ଷୁରେ ଦେଖିଲି ଯାହାଙ୍କର ନିଜ ସୃଷ୍ଟିକର୍ତା ଉପରେ ଆସ୍ଥା ଓ ବିଶ୍ୱାସ ବେଶ ସୁଦୃଢ ରହିଛି ଏବଂ ମୋର ଆଶା ଆପଣମାନେ ଏହି ପୁଣ୍ୟକର୍ମ ସମ୍ପାଦନ କରିବା ଅବ୍ୟାହତ ରଖିବେ ।

ଏହା ଏକ ଅଣଅହେମଦିଙ୍କ ମତ ଏବଂ ଏହି ମନ୍ତବ୍ୟ ଆମର ଏଥିପ୍ରତି ଧ୍ୟାନ ଆକ୍ରର୍ଷିତ କରିବା ଉଚିତ ଯେ ଆମେ ବାସ୍ତବରେ ନିଜ ଜୀବନର ଉଦ୍ଦେଶ୍ୟକୁ ବୁଝି ତାହାକୁ ହାସଲ କରିବାକୁ ଚେଷ୍ଟା କରିବା । ମେସିଡ଼ୋନିୟା ଦଳରେ ସାମିଲ ଥିବା ଜଣେ T.V ସମ୍ୱାଦଦାତା ଜୋରାନଂଚୁ ଜୋରିନସକି ସାହେବ କହିଲେ ମୁଁ ଦ୍ୱିତୀୟ ଥର ଜଲସାରେ ଯୋଗ ଦେଉଅଛି ଏବଂ ଏହା ମୋ ପାଇଁ ଅତି ସମ୍ମାନଜନକ ଅବସର । ଜଲସାର ଆୟୋଜନ ଅତ୍ୟନ୍ତ ଉନ୍ନତ ମାନର ଥିଲା । ସେ ଅଧିକନ୍ତୁ କହିଲେ କି ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ଓ ସମସ୍ତ ମାନବ ଜାତିର ସାହାଯ୍ୟ ସହଯୋଗ କରିବା ଏଭଳି କାର୍ଯ୍ୟ ଯାହାକି ପାରସ୍ପରିକ ମତଭେଦକୁ ଦୂର କରିଥାଏ ।

ବୁଲଗେରିୟାରୁ ଏକ ପ୍ରତିନିଧୀ ଦଳରେ ଆସିଥିବା ଜଣେ ଖ୍ରୀଷ୍ଟଧର୍ମୀ ମହିଳା ଶ୍ରୀମତି ଜୁଲିୟା ସାହେବା କୁହନ୍ତି ମୁଁ ଏକଥା ଚିନ୍ତା କରି ଭାବବିହୋଳ ହୋଇପଡୁଛି କି ମୁଁ ମଧ୍ୟ ଅହମଦିୟା ଜମାଅତର ବାର୍ଷିକ ଧର୍ମ ସମ୍ମିଳନୀରେ ସହସ୍ର ଯୋଗଦାନକାରୀଙ୍କ ସହିତ ଯୋଗଦାନ କରିବାର ସୌଭାଗ୍ୟ ଅର୍ଜନ କରିଅଛି । ନିଃସନ୍ଦେହ ମୁଁ ଜଣେ ଖ୍ରୀଷ୍ଟଧର୍ମୀ କିନ୍ତୁ ମୋତେ ଆପଣଙ୍କ ଅଭିଭାଷଣ ଅତ୍ୟନ୍ତ ପସନ୍ଦ ଆସିଲା । ଆପଣଙ୍କ ଦୁଆ ହୃଦୟକୁ ପ୍ରଭାବିତ କରୁଥିଲା । ଜଲସା ସ୍ଥଳିରେ ପବିତ୍ର କୁରଆନର ଆବୃତି ମଧ୍ୟ ମୋତେ ବେଶ ପସନ୍ଦ ଆସିଲା । ପ୍ରଶଂସନୀୟ କଥା ଏହି କି ଯେ ହଜୁର ସ୍ୱହସ୍ତରେ କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କଲେ ।

ବୁଲଗେରିୟାର ପ୍ରତିନିଧୀ ଦଳରେ ଆସିଥିବା ଜଣେ ମହିଳା ଶ୍ରୀମତି କେସମା ଅଲମେରା ସାହେବା କୁହନ୍ତି ମୁଁ ତୃତୀୟ ଥର ପାଇଁ ଜର୍ମାନୀ ଜଲସାରେ ଯୋଗ ଦେବାର ସୌଭାଗ୍ୟ ଲାଭ କରିଛି ଏବଂ ପ୍ରତି ବର୍ଷ ମୋତେ ନୂଆ ନୂଆ କଥା ଶିଖିବାକୁ ମିଳିଥାଏ । ମୁଁ ବକ୍ତୃତାଗୁଡ଼ିକୁ ବେଶ ଧ୍ୟାନ ପୂର୍ବକ ଶୁଣିଥାଏ କାରଣ ମୁଁ ଜଣେ ଫିଜିଓ ଥେରେପିଷ୍ଟ ଓ ସାଇକାଲୋଜିଷ୍ଟ । ମୁଁ ଜଲସାର ବକ୍ତୃତାରେ ଆଲୋକପାତ କରାଯାଇଥିବା ତଥ୍ୟ ଜମାଅତ ଅହମଦିୟାର ନୀତିଶିକ୍ଷା ମାଧ୍ୟମରେ ନିଜ ରୋଗୀମାନଙ୍କର ସମସ୍ୟା ଉତମ ରୂପେ ସମାଧାନ କରିଥାଏ ଏବଂ ମୁଁ ନିଜ ପାଇଁ ମଧ୍ୟ ଅନେକ ହିତ ଉପଦେଶ ଏକତ୍ରିତ କରି ନେଇଯାଇଥାଏ ।

ଆଉ ଜଣେ ଅହମଦି ବନ୍ଧୁ ଶ୍ରୀମାନ ଗଜମ ଅଜାଚି ସାହେବ ଯାହାଙ୍କ ସମ୍ପର୍କ ନାସ୍ତିକବାଦ ସୋସାଇଟି ସହିତ ଥିଲା କିଛି ବର୍ଷ ପୂର୍ବେ ଜମାଅତର ତାଙ୍କ ସହ ସମ୍ପର୍କ ସ୍ଥାପନ ହେଲା । ଧର୍ମ ଓ ବିଶେଷ କରି ଇସଲାମ ସମ୍ୱନ୍ଧରେ ଜମାଅତ ଯେଉଁ ତଥ୍ୟ ଉପସ୍ଥାପନ କରିଥାଏ, ତାହା ତାଙ୍କୁ ଗ୍ରହଣୀୟ ମନେହେଲା । ଏହା ପୂର୍ବରୁ ମୌଲବିମାନଙ୍କ ମନଗଢା କାହାଣୀ ଶୁଣି ତାଙ୍କ ହୃଦୟ ଧର୍ମ ଠାରୁ ଅତିଷ୍ଟ ହୋଇଯାଇଥିଲା । କିନ୍ତୁ କିଛି ବର୍ଷ ପୂର୍ବେ ସେ ଅହମଦି ଜମାଅତରେ ଦୀକ୍ଷିତ ହେଲେ ଏବଂ ବର୍ତମାନ ସେ ଆସ୍ତେ ଆସ୍ତେ ଇସଲାମୀୟ ଶୈଳୀ ଆପଣାଉଛନ୍ତି । ସେ କୁହନ୍ତି ବାର୍ଷିକ ଧର୍ମ ସମ୍ମିଳନୀ ମୋତେ ବେଶ ପ୍ରଭାବିତ କରିଛି । ଜଲସାର ଆୟୋଜନ ଓ ଅତିଥି ସତ୍କାର ପ୍ରତିବର୍ଷ ପରି ଅତି ଉଚ୍ଚ କୋଟିର ଥିଲା ଏବଂ ହଜୁର ଅ.ବଙ୍କର ମହିଳାମାନଙ୍କ ଗହଣରେ ତଥା ସମାପନ ଅବସରରେ ଯେଉଁ ଅଭିଭାଷଣ ଥିଲା, ତାହା ମୋତେ ଅତ୍ୟନ୍ତ ପ୍ରଭାବିତ କରିଛି । ସେହି ବାର୍ତା ଆମମାନଙ୍କୁ ସର୍ବଦା ମନେରଖିବା ଉଚିତ ।

ଆଉ ଜଣେ ଅହମଦି ଇଲା ସ୍ୱାନଂଚି ଅଲବାନିନ ଯେ ଜର୍ମାନୀରେ ବସବାସ କରନ୍ତି, କହିଲେ- ବାର୍ଷିକ ଧର୍ମ ସମ୍ମିଳନୀ ପ୍ରତ୍ୟେକ ଅହମଦିଙ୍କ ପାଇଁ ଆଧାତ୍ମିକ କ୍ଷେତ୍ରରେ ଏକତ୍ରିତ ହେବାର ଏକ ଶ୍ରେଷ୍ଠ ପିଠସ୍ଥଳୀ । ଜଲସାରେ ଯୋଗଦେଇ ଫଳରେ ଯେଉଁସ୍ଥଳେ ତାଙ୍କୁ ଇସଲାମର ମୂଳ ଶିକ୍ଷା ସମ୍ୱନ୍ଧରେ ଅବଗତ ହାସଲ ହେଲା ସେହିସ୍ଥଳେ ଜମାଅତରେ ପ୍ରଚଳିତ ଖିଲାଫତ ବ୍ୟବସ୍ଥା ମାଧ୍ୟମରେ ସେହି ସୌନ୍ଦର୍ଯ୍ୟମୟ ଶିକ୍ଷାର ନମୁନା ଦେଖିବାର ଅଭିଜ୍ଞତା ପ୍ରାପ୍ତ ହେଲା । ସେ ଆହୁରି କହିଲେ କି ଜଣେ ଅହମଦି ମୁସଲମାନ ହେବା

ଦୃଷ୍ଟିକୋଣରୁ ମୁଁ ବର୍ଷ ସାରା ଏହି ଆଧାତ୍ମିକ ଜଲସାର ଅତି ଉତ୍କଣ୍ଠାର ସହିତ ପ୍ରତିକ୍ଷା କରିଥାଏ । କାରଣ ଏହି ସ୍ଥଳେ ଏକ ବାସ୍ତବିକ ଭାତୃଭାବର ଆତ୍ମା ଦୃଶ୍ୟମାନ ହୋଇଥାଏ, ଯାହା ବର୍ଣ୍ଣନା କରିବା ଅସମ୍ଭବ । **ଏହି ଜଲସାରେ ଯୋଗଦେଲେ ମୋତେ ଏଭଳି ଅନୁଭବ ହୋଇଥାଏ, ଯେପରି ମୁଁ ବୈକୁଣ୍ଠରେ ପ୍ରବେଶ କରିଅଛି ଏବଂ ମୁଁ ବିଶ୍ୱର ସବୁଠାରୁ ଭାଗ୍ୟବାନ ବ୍ୟକ୍ତି । ମୁଁ ଆସନ୍ତା ବର୍ଷର ଜଲସାରେ ଯୋଗଦେବା ପାଇଁ ମଧ୍ୟ ଉତ୍କଣ୍ଠିତ ମନରେ ଅପେକ୍ଷାରତ ରହିଛି ।**

ଜର୍ଜିଆରୁ ଆସିଥିବା ଦଳ ମଧ୍ୟରେ ଜଣେ ଧାର୍ମିକ ଛାତ୍ରୀ ଶ୍ରୀମତି ନାନୁକା ସାହେବା ମଧ୍ୟ ଯୋଗଦେଇଥିଲେ ଯେ ବୈଅତର କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜ ମତ ପ୍ରକାଶ କରି କହିଲେ- ବୈଅତର କାର୍ଯ୍ୟକ୍ରମ ଅତ୍ୟନ୍ତ ଅବିସ୍ମରଣୀୟ ଥିଲା । ମୋତେ ସେଠାରେ ଏକତା ଓ ଅଖଣ୍ଡତା ଦୃଶ୍ୟମାନ ହେଲା ଏବଂ ମୁଁ ଜାଣି ପାରିଲି ଯେ କିଭଳି ଭିନ୍ନ ରଙ୍ଗ ଓ ବର୍ଣ୍ଣର ଲୋକେ ଗୋଟିଏ ସ୍ଥାନରେ ଶାନ୍ତି ପୂର୍ଣ୍ଣ ଭାବରେ ଏକତ୍ର ରହିପାରିବେ । ମୁଁ ଧାର୍ମିକ ଶିକ୍ଷା ଉପାର୍ଜନ କରୁଅଛି ଏବଂ ଏପରି ଜଲସାରେ ପ୍ରଥମ ଥର ଯୋଗଦେଉ ଅଛି । **ମୋର ବିଶ୍ୱାସ ଏହି ଜଲସା ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବଶ୍ରେଷ୍ଠ ମାଧ୍ୟମ ଅଟେ ।**

କୋସୋଭୋରୁ ଆସିଥିବା ଏକ ଦଳର ଜଣେ ବନ୍ଧୁ ଶ୍ରୀମାନ ଶେବ ଜକରଜି ସାହେବ କହିଲେ- ମୋତେ ଜଲସାରେ ସାମିଲ ହେବାକୁ ଖବର ମିଳିବା ମାତ୍ରେ ମୁଁ ବେଶ ଆନନ୍ଦିତ ହୋଇଗଲି । ଅପର ମୁହୂର୍ତରେ ଯାତ୍ରାର ଖର୍ଚ୍ଚ ଆକଳନ କରି ମୁଁ ଚିନ୍ତାରେ ପଡ଼ିଗଲି କିନ୍ତୁ ମୁଁ ଖଲିଫାଙ୍କ ସହ ସାକ୍ଷାତ କରିବା ଓ ଜଲସାରେ ଯୋଗଦେବାକୁ ବ୍ୟାକୁଳ ଥିଲି । ସୁତରାଂ ମୁଁ ନିଜ ଗାଈ ବିକ୍ରି କଲି ଏବଂ ଜଲସାରେ ଯୋଗଦେବାର ଖର୍ଚ୍ଚ ପୂରଣ କରିନେଲି । **ଅହମଦି ହେବା ଅନ୍ତେ ଏପରି ମଧ୍ୟ ଲୋକେ ବଳିଦାନ କରି ଜଲସାରେ ସାମିଲ ହେବାକୁ ଧାଇଁ ଆସିଥାନ୍ତି ।**

ମାଲଟିଆରୁ ଜଲସାରେ ଯୋଗଦେବା ନିମନ୍ତେ ତିନି ଜଣ ମହିଳା ଆସିଥିଲେ । ସେମାନେ କୁହନ୍ତି ଆମର ବହୁତ ସତ୍କାର କରାଗଲା । ମହିଳାଙ୍କ ଜଲସାସ୍ଥଳିରେ ଗୋଟିଏ ପରିବାର ପରି ପରିବେଶ ଥିଲା । ଏପରି ମନେହେଉଥିଲା ଯେପରି ଆମେ ପରସ୍ପରକୁ ବେଶ ଭଲ ଭାବରେ ପରିଚିତ ଅଛୁ, ଯେପରିକି ଶହ ଶହ ବର୍ଷରୁ ପରସ୍ପରକୁ ଚିହ୍ନିଛୁ । କିନ୍ତୁ ବାସ୍ତବରେ ଆମେ ପ୍ରଥମ ଥର ପରସ୍ପର ସହ ସାକ୍ଷାତ କରୁଥିଲୁ । ସେ ଅଧିକନ୍ତୁ କୁହନ୍ତି ଯେ ମହିଳାଙ୍କ ସ୍ଥଳିରେ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ଥିଲା କାରଣ ଆମେ ଉଭୟ (ପୁରୁଷ ଓ ମହିଳା) ଜଲସାସ୍ଥଳି ପରିଦର୍ଶନ କରିବାର ଅବସର ଲାଭ କରିଥିଲୁ । ଆମ୍ଭକୁ ଇସଲାମୀୟ ଶିକ୍ଷା ଅନୁଯାୟୀ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ବ୍ୟବସ୍ଥା କରାଯିବାର ସଠିକ୍ ଓ ମୂଳ ଉଦ୍ଦେଶ୍ୟର ଅନୁଧ୍ୟାନ କରିବାର ଅବସର ମଧ୍ୟ ଲାଭ ହେଲା ଏବଂ ଆମ୍ଭେ ନିଜ ଅଭିଜ୍ଞତା ଆଧାରରେ କହୁଅଛୁ କି ଇସଲାମୀୟ ଶିକ୍ଷା ଅତ୍ୟନ୍ତ ଗୂହର ଓ ରୋଚକପୂର୍ଣ୍ଣ । **ଏପରି ଲୋକସମାଗମରେ ମହିଳାମାନେ (ପୁରୁଷଙ୍କ ଠାରୁ) ଅଲଗା ରହିଲେ ନିଜକୁ ଅଧିକ ସତେଜ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଅନୁଭବ କରିଥାନ୍ତି ଏବଂ ସେମାନଙ୍କୁ ନିଜ ବ୍ୟବସ୍ଥାର ଭାର ବହନ କରିବା ଓ ନିଜ ଦକ୍ଷତା ପ୍ରମାଣିତ କରିବା ପାଇଁ ମଧ୍ୟ ଯଥେଷ୍ଟ ସମୟ ମିଳିଯାଇଥାଏ ।**

ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ପରମାନେ ମଧ୍ୟ ଏକଥା ସ୍ୱୀକାର କଲେଣି ଯେ ବାସ୍ତବରେ ମହିଳା ଓ ପୁରୁଷମାନଙ୍କ ପାଇଁ ଏଭଳି ଭିନ୍ନ ବ୍ୟବସ୍ଥା କରିବା ଜରୁରୀ ଅଟେ । କିନ୍ତୁ ଆମର କେତେକ ଯୁବତୀମାନଙ୍କ ମନରେ ଏହି ପ୍ରଶ୍ନ ଉଙ୍କି ମାରିଥାଏ ଯେ ଜଲସା ଶୁଣିବାର ବ୍ୟବସ୍ଥା ଏକତ୍ର କାହିଁ କରାଯାଉ ନାହିଁ? ଏବଂ ଆମମାନକୁ (ପୁରୁଷମାନଙ୍କ) ପରି ସ୍ୱାଧିନତା କାହିଁକି ହାସଲ ନାହିଁ? ସେମାନଙ୍କୁ ସମ୍ପୃକ୍ତ ମହିଳାଙ୍କ ଏହି ମନ୍ତବ୍ୟ ଉପରେ ବିଚାର କରିବା ଉଚିତ ।

କିରଗିଜିସ୍ଥାନରୁ ଆସିଥିବା ଜଣେ ଅତିଥି କୁହନ୍ତି ଜଲସାରେ ଯୋଗଦେବା ଅଲୌକିକ ଅନୁଭୂତି ଥିଲା । **ଅହମଦି ହେବା ପୂର୍ବରୁ ମୋ ଚକ୍ଷୁରୁ କଦାପି ଅଶ୍ରୁ ନିର୍ଗତ ହୋଇ ନଥିଲା । କିନ୍ତୁ କାଦିଆନ ଓ ଜର୍ମାନୀ ଜଲସାରେ ମୋ ଆଖିରୁ ଲୋତକ ଝରି ପଡ଼ିଲା ।** ଏପରି ମନେ ହେଉଥିଲା ଯେପରି ମୋର ହୃଦୟରେ ଅତି କୋମଳ ହୋଇଯାଇଛି ଓ ତାହା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ପ୍ରତ୍ୟେକ ବ୍ୟକ୍ତି ଯେ ବୈଅତ କରିଥାଏ, ତାହା ମାଧ୍ୟମରେ ମୋ ବିଶ୍ୱାସରେ ଅଭିବୃଦ୍ଧି ଘଟିଥାଏ । ପ୍ରଥମେ ମୁଁ ମୌଲବି ଥିଲି ଯେତେବେଳେ ଜମାଅତର ପୁସ୍ତକ ଅଧ୍ୟୟନ କଲି ସେତେବେଳେ ଦଜାଲ ଓ ମସିହ ମଉଦ ଅ.ସଙ୍କ ସମ୍ବନ୍ଧରେ ପବିତ୍ର କୁରଆନରେ ଯେଉଁ ସମସ୍ତ ଖବର ବର୍ଣ୍ଣିତ ରହିଛି, ମୋତେ ତାହାର ବାସ୍ତବତାର ଜ୍ଞାତ ହେଲା । ବୈଅତ କରିବା ପରେ ମୋତେ ଏପରି ଅନୁଭବ ହେଲା ଯେପରି ମୋ ଉପରେ ଶୀତଳ ଜଳ ଢଳା ଜାଉଅଛି ଏବଂ ବର୍ତମାନ ମୁଁ ପ୍ରକୃତ ଓ ବାସ୍ତବିକ ମୁସଲମାନ ପାଲଟି ଯାଇଛି ।

ସିନେଗାଲରୁ ଆସିଥିବା ଜଣେ ଅତିଥି କହିଲେ ଯଦି ମୁଁ ଜଲସା ଦେଖି ନଥାନ୍ତି ଏବଂ ଆପଣଙ୍କ ସହ ସାକ୍ଷାତ କରିନଥାନ୍ତି ତେବେ ମୁଁ ନିଜ ଜୀବନର ବହୁତ ବଡ଼ କ୍ଷତି କରିବସିଥାନ୍ତି । ଆଜି ମୁଁ ମଣୁଅଛି ଯେ ମୋ ଜୀବନର ଉଦ୍ଦେଶ୍ୟ ପୂରଣ ହୋଇଯାଇଛି ।

ସେ ଏକ ନୌକା ନିଜ କୋଳରେ ଧରି ବସିଥିଲେ । ମୋର ପଚାରିବାରୁ କହିଲେ ଏହି ଉପହାର ମୁଁ ଆପଣଙ୍କ ପାଇଁ ଆଣିଛି ଏବଂ

ଏହା ଶାନ୍ତିର ପ୍ରତୀକ ଅଟେ । ପ୍ରେମ ସମସ୍ତଙ୍କ ପାଇଁ ଏବଂ ଘୃଣା କାହାରିକୁ ନୁହେଁ । ବର୍ତମାନ ଯେ କେହି ଏହି ନୌକାରେ ପ୍ରବେଶ କରିବ, ସେ ଶାନ୍ତି ଲାଭ କରିବ ଏବଂ ଏହା ଅହମଦିୟତ୍ର ଧର୍ମତରୀ । ଏହି ଉପହାର ପ୍ରଦାନ କରିବାର ଆଉ ଏକ କାରଣ ଏହି କି ଯେ ଆମ ଦେଶର ଅର୍ଥନିତୀ ସହ ଏହା ଜଡ଼ିତ । ସେଠାରେ ଅଧିକ ସଂଖ୍ୟାକ କେଉଟ ଜାତି ବସବାସ କରନ୍ତି । ଅତଃ ଆମ ଦେଶ ପାଇଁ ବିଶେଷ ଦୁଆ କରିବା ପାଇଁ ଅନୁରୋଧ ।

ବୋସନିଆରୁ ଆସିଥିବା ୟାସମିନ୍ ସପାଚିତ ସାହେବ କୁହନ୍ତି ଆପଣଙ୍କର ଇସଲାମ ଓ ଇସଲାମର ସଂସ୍ଥାପକ ସହ ପ୍ରେମ ଓ ଭଲପାଇବା ଆପଣଙ୍କ ଶବ୍ଦରୁ ହିଁ ପ୍ରକାଶ ପାଉଥିଲା । ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ସମ୍ବନ୍ଧରେ ଆପଣଙ୍କର ଉପଦେଶ ହୃଦୟକୁ ସ୍ପର୍ଷ କରୁଥିଲା । ଏହା ସେହି କାର୍ଯ୍ୟ ଯାହାକି ହଜରତ ମୁହମ୍ମଦ ସ.ଅ ସମ୍ପାଦନ କରୁଥିଲେ । ସେ ଅଧିକନ୍ତୁ କୁହନ୍ତି ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି ଯେ ଆସନ୍ତା ଜଲସା ଆ'ଠାରୁ ଆହୁରି ଶ୍ରେୟସ୍କର ହେଉ ଏବଂ ଏହି ଜଲସା ଇସଲାମୀୟ ସମ୍ପ୍ରଦାୟକୁ ଶକ୍ତି ଓ ଏକତା ପ୍ରଦାନ କରିବାର କାରଣ ସାବ୍ୟସ୍ତ ହେଉ ।

ଆଉ ଜଣେ ଅତିଥି ୟମିନା ଚାଶୟୁଶ ସାହେବା କୁହନ୍ତି ଜଲସାରେ ଯୋଗଦେବା ଫଳରେ ମୁଁ ଜାଣି ପାରିଲି ଯେ, **ଜଲସାର ପରିବେଶରେ ସେହି ଶକ୍ତି ଓ ପ୍ରଭାବ ରହିଛି ଯାହାକି ଜଣେ ଆଧାତ୍ମିକ ସ୍ତରରେ ମୃତ୍ୟୁ ଲାଭ କରିଥିଲା ବ୍ୟକ୍ତି ମଧରେ ଜୀବନ ସଂଚାର କରିଦେଇଥାଏ ।**

ଲବନାନର କମାଲ ଲଓ୍ଵାନ ସାହେବ କୁହନ୍ତି ମୋତେ ଜଲସାରେ ଜମାଅତର ସତ୍ୟତାର ସର୍ବପ୍ରଥମ ପ୍ରମାଣ ଏହା ମିଳିଲା ଯେ ଗୋଟିଏ ସ୍ଥାନରେ ଏଭଳି ବହୁଳ ସଂଖ୍ୟାରେ ଲୋକମାନଙ୍କ ସମାଗମ ହେବା ଓ ସେସମସ୍ତଙ୍କ ପାଇଁ ଏପରି ସୁବ୍ୟବସ୍ଥା କରିବା । ଜଲସା ସମୟରେ ଜଣେ ବନ୍ଧୁ ମୋତେ କହିଲେ, ଏ ହେଉଛନ୍ତି ଖଲିଫତୁଲ୍ ମୁସଲିମିନ୍ । ତା'ପରେ ମୁଁ ଅହମଦିମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲି ଜାହାର ସେମାନେ ଅତ୍ୟନ୍ତ ସାଳିନତାର ସହ ଉତର ଦେଇଥିଲେ । ମୋର ହୃଦୟ ଅହମଦିୟତ୍ର ସତ୍ୟତାକୁ ନେଇ ସନ୍ତୋଷ ଲାଭ କରିନେଲା । **ମୁଁ ଚିନ୍ତା କଲି ଆସନ୍ତା ବର୍ଷ ଜୀବିତ ରହିବି କି ନାହିଁ ଜଣା ନାହିଁ । ତେଣୁକରି ମୋତେ ବୈଅତ କରିନେବା ଉଚିତ ବସ୍ତୁତଃ ମୁଁ ବୈଅତ କରିନେଲି ।**

ପରବର୍ତୀ ଅତିଥି ହେଲେ ଫଓ୍ଵାଦ ସାହେବ । ସେ କୁହନ୍ତି ମୁଁ ୨୦୧୮ ମସିହାରେ ବୈଅତ କରିଥିଲି । କିନ୍ତୁ ମୋର ପତ୍ନୀ ବୈଅତ କରିବାକୁ ରାଜି ହେଲେ ନାହିଁ । ମୁଁ ତାଙ୍କୁ ବୁଝାଇଲି କି ତୁମେ ଏହି ପୁସ୍ତକଗୁଡ଼ିକର ଅଧ୍ୟୟନ କର ଏବଂ ଅଲ୍ଲାଃଙ୍କ ସମୀପ ଇସତେଖାରା କର । ତିନି ମାସ ପର୍ଯ୍ୟନ୍ତ ମୋର ପତ୍ନୀ ଇସତେଖାରା କରିଥିଲେ ଏବଂ ସେ ସ୍ୱପ୍ନରେ ଦେଖିଲେ ଏକ ସ୍ଥାନରେ ଅନେକ ଲୋକ ଏକତ୍ରିତ ହୋଇଛନ୍ତି ଓ ଏକ ଧବଳ ପାରା ସେମାନଙ୍କ ମଧ୍ୟରେ ଉପସ୍ଥିତ ରହିଛନ୍ତି । ସେ ପଚାରିଲେ ଏହି ଧବଳ ପାରା କିଏ ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ କହିଲେ ଏହି ପାରା ଇସଲାମର ପ୍ରଚାର ନିମନ୍ତେ କୁଦସ ଅଂଚଳକୁ ଆସିଅଛି । **ଏହି ସ୍ୱପ୍ନ ମୋ ପତ୍ନୀଙ୍କ ହୃଦୟ ଉନ୍ମୁକ୍ତ କରିଦେଲା ଏବଂ ସେ ଚଳିତ ବର୍ଷ ଜଲସାରେ ସାମିଲ ହୋଇ ବୈଅତ କରିନେଲେ** । ସେ ଆହୁରି କହିଲେ, ମୁଁ ଏଥିରେ ଅତ୍ୟନ୍ତ ପ୍ରସନ୍ନିତ ଯେ ଅଲ୍ଲାଃତାଲା ମୋର ସମସ୍ତ ପରିବାର ବର୍ଗଙ୍କୁ ହଜରତ ମସିହ ମଉଦ ଅ.ସଙ୍କ ବୈଅତ କରିବାକୁ ଶକ୍ତି ପ୍ରଦାନ କରିଛନ୍ତି ଏବଂ ବର୍ତମାନ ମୁଁ ନିଜର ସମସ୍ତ ପରିଜନମାନଙ୍କ ନିକଟରେ ଏହି ବାର୍ତା ପହଂଚାଇବି ।

ହଜୁର ଅନଓ୍ଵର ଅ.ବ ଅଲ୍ଲାଃତାଲା ଏହି ବୈଅତକାରୀଙ୍କ ନିଷ୍ଠା, ବିଶ୍ୱସ୍ତତା ଏବଂ ଆସ୍ଥା ଓ ବିଶ୍ୱାସରେ ଉନ୍ନତି ପ୍ରଦାନ କରନ୍ତୁ ତଥା ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଜଲସାର ଆଶିଷରୁ ଉପକୃତ ହେବାକୁ ଓ ହଜରତ ମସିହ ମଉଦ ଅ.ସଙ୍କ ଦୁଆର ଉତରାଧିକାରୀ କରାନ୍ତୁ

ମିଡ଼ିଆ କଭରେଜ୍ ସମ୍ବନ୍ଧରେ ହଜୁର ଅନଓ୍ଵର ଅ.ବ କହିଲେ ଚଳିତ ବର୍ଷ ଜର୍ମାନୀରେ ମୋଟ ୧୩ଗୋଟି ମିଡ଼ିଆ ଆଉଟ ଲିଷ୍ଟ ମାଧ୍ୟମରେ ଜଲସାର କାର୍ଯ୍ୟକ୍ରମ କଭର କରାଯାଇଥିଲା । ଏତତ୍ ବ୍ୟତୀତ ଇଟାଲୀ, ଚିନ, ସଲଓ୍ଵାକିୟାରେ ଅନ ଲାଇନ୍ ଖବର କାଗଜରେ ଖବର ପ୍ରକାଶ ପାଇଥିଲା । ସେମାନଙ୍କ ଆକଳନ ଅନୁଯାୟୀ ପାଖାପାଖି ଦୁଇ କୋଟି ଛତିଶ ଲକ୍ଷ ଲୋକମାନଙ୍କ ନିକଟରେ ଆମର ବାର୍ତା ପହଂଚିଥିଲା ।

ଅଲ୍ଲାଃଙ୍କ କୃପାରୁ ବେଶ ବ୍ୟାପକ ଭାବରେ ଜମାଅତର ପରିଚୟ ହୋଇଥିଲା । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିକୋଣରୁ ଏହାକୁ ମଙ୍ଗଳମୟ କରାନ୍ତୁ ।

Khulasa Khutba Juma Huzoor Anwar a.b.a
12th July 2019